# NATIONAL NEWS BULLETIN (ODIA)

**14 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଓଡ଼ିଶାକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି
- ବେଜିଂଠାରେ ଚୀନ୍‌ର ଉପରାଷ୍ଟ୍ରପତିଙ୍କ ସହିତ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କଲେ ବୈଦେଶିକ ବ୍ୟାପାରମନ୍ତ୍ରୀ
- ବିଶାଖାପଟନମ୍‌ଠାରେ ବିମ୍‌ଷ୍ଟେକ୍ ବନ୍ଦର ସମ୍ମିଳନୀର ଆଜିଠାରୁ ହେଲା ଶୁଭାରମ୍ଭ
- ଶୁଭାଂଶୁ ଶୁକ୍ଲା ଓ ଅନ୍ୟ ୩ ଜଣ ମହାକାଶଚାରୀଙ୍କର ଆଜି ଅପରାହ୍ନ ସାଢ଼େ ୪ଟାରୁ ଆରମ୍ଭ ହେବ ପୃଥିବୀ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା

ଏବଂ

- ଲର୍ଡସ୍ ଟେଷ୍ଟରେ ୧୯୩ ରନ୍‌ର ବିଜୟଲକ୍ଷ୍ୟ ପିଛା କରି ଆଜି ଅନ୍ତିମ ଦିବସରେ ଭାରତ ୪ ୱିକେଟ୍‌ରେ ୫୮ ରନ୍‌ରୁ ଆରମ୍ଭ କରିବ ବ୍ୟାଟିଂ ।

## ପ୍ରେଜ୍-ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶାକୁ ଦୁଇଦିନିଆ ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ଭୁବନେଶ୍ୱର ଏବଂ କଟକରେ କେତେକ ବିଶେଷ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏ ସଂପର୍କରେ ଆମ ସମ୍ବାଦଦାତାଙ୍କ ରିପୋର୍ଟ ।

**V/O (Prakash Dash)**

ସନ୍ଧ୍ୟାରେ ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମସ୍‌ର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ । ଆସନ୍ତାକାଲି ପୂର୍ବାହ୍ଣରେ ରାଷ୍ଟ୍ରପତି ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ଏହାପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର କେତେକ ବିକାଶ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । କଟକ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ରାଷ୍ଟ୍ରପତି ଯୋଗଦେବା ସହିତ କଳିଙ୍ଗରତ୍ନ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଏହିସବୁ କାର୍ଯ୍ୟକ୍ରମ ଶେଷ କରି ରାଷ୍ଟ୍ରପତି ଆସନ୍ତାକାଲି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

## ଜୟଶଙ୍କର-ଚୀନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍‌.ଜୟଶଙ୍କର ଆଜି ବେଜିଂଠାରେ ଚୀନ୍ ଉପରାଷ୍ଟ୍ରପତି ହାନ୍ ଝେଙ୍ଗ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ସାଂପ୍ରତିକ ଆନ୍ତର୍ଜାତିକ ପରିସ୍ଥିତି ପରିପ୍ରେକ୍ଷୀରେ ଭାରତ-ଚୀନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହିତ ସମୃଦ୍ଧି ଲାଗି ମୁକ୍ତ ଆଲୋଚନା କରାଯିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଗତବର୍ଷ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ସି.ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ କାଜାନ୍‌ଠାରେ ଅନୁଷ୍ଠିତ ବୈଠକ ପରେ ଭାରତ ଓ ଚୀନ୍ ମଧ୍ୟରେ ଦ୍ୱିପକ୍ଷିୟ ସଂପର୍କରେ କ୍ରମାଗତ ଉନ୍ନତି ପରିଲକ୍ଷିତ ହୋଇଛି । ଦୁଇଦେଶ ମଧ୍ୟରେ ସ୍ୱାଭାବିକ ପରିସ୍ଥିତି ଜାରି ରହିଲେ ଏହାର ଲାଭ ଭାରତ ଓ ଚୀନ୍ ଉଭୟଙ୍କୁ ପ୍ରାପ୍ତ ହେବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ତାଙ୍କର ଏହି ଗସ୍ତ

ଦୁଇଦେଶର ସଂପର୍କକୁ ଏକ ସକାରାତ୍ମକ ଦିଗରେ ନେବାରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଡକ୍ଟର ଜୟଶଙ୍କର କହିଛନ୍ତି, କୈଳାସ ମାନସରୋବର ଯାତ୍ରାକୁ ପୁନଃ ଚାଲୁକରାଯିବା ଦିଗରେ ଚୀନ୍‌ର ସମର୍ଥନକୁ ଭାରତରେ ପ୍ରଶଂସା କରାଯାଇଛି । ଏଥିସହିତ ସାଂଘାଇ ସହଯୋଗ ସଂଗଠନର ଚଳିତ ଥରର ଅଧ୍ୟକ୍ଷ ରୂପେ ଚୀନ୍ ସଫଳତାର ସହ କାର୍ଯ୍ୟ କରିବ ବୋଲି ସେ ଆଶାବ୍ୟକ୍ତ କରିବା ସହିତ ଭାରତର ଏଥିପ୍ରତି ପୂର୍ଣ୍ଣ ସମର୍ଥନ ରହିଛି ବୋଲି କହିଛନ୍ତି । ଆସନ୍ତାକାଲିଠାରୁ ଟିଆନ୍‌ଜେନ୍ ସହରରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗଦେବା ଲାଗି ଡକ୍ଟର ଜୟଶଙ୍କର ଦୁଇଦିନିଆ ଚୀନ୍ ଗସ୍ତ କରିଛନ୍ତି । ତାଙ୍କର ଏହି ଗସ୍ତ ସଂପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି :

**V/O (Anand-China)**

---

## ବିମ୍‌ଷ୍ଟେକ୍

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଆଜି ବିଶାଖାପଟନମ୍‌ଠାରେ ଦୁଇଦିନିଆ ବିମ୍‌ଷ୍ଟେକ୍ ବନ୍ଦର ସମ୍ମିଳନୀର ଶୁଭାରମ୍ଭ କରିଛନ୍ତି । ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଆଞ୍ଚଳିକ ସାମୁଦ୍ରିକ ସଂଯୋଗୀକରଣ ଏବଂ ସହଯୋଗ ବୃଦ୍ଧି କରିବା ଦିଗରେ ଭାରତର ପ୍ରତିବଦ୍ଧତା ସ୍ୱରୂପ ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ଏଥିରେ ଉଦ୍‌ବୋଧନ ଦେଇ ଶ୍ରୀ ସୋନୱାଲ କହିଛନ୍ତି, ଆଞ୍ଚଳିକ ସାମୁଦ୍ରିକ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଭାରତର ପଡ଼ୋଶୀ ପ୍ରଥମ ନୀତି ଏକ ଦୃଷ୍ଟାନ୍ତମୂଳକ

ଉଦାହରଣ ଭାବେ କାର୍ଯ୍ୟକାରୀ କରାଯାଉଛି । ଜଳପଥରେ ଗମନାଗମନ ଦ୍ୱାରା ଆର୍ଥିକ ବିକାଶକୁ ଅଧିକ ସୁଦୃଢ଼ କରିବା ଲାଗି ହରିତ୍ ସାଗର ଓ ସବୁଜ ବନ୍ଦର ସମେତ ସରକାର ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ଏକଦଶନ୍ଧି ମଧ୍ୟରେ ଘରୋଇ ବନ୍ଦରଗୁଡ଼ିକ ମାଧ୍ୟମରେ ପ୍ରାୟ ୭୦ ପ୍ରତିଶତ ସାମଗ୍ରୀ ପରିବହନ ସଫଳତାର ସହ କରାଯାଇ ପାରିଛି ବୋଲି ଶ୍ରୀ ସୋନଓ୍ୱାଲ କହିଛନ୍ତି । ଏହି ସମ୍ମିଳନୀରେ ବିମ୍‌ଷ୍ଟେକ୍‌ର ସଦସ୍ୟ ରାଷ୍ଟ୍ର ବାଂଲାଦେଶ, ଭୂଟାନ, ଭାରତ, ମିଆଁମାର, ନେପାଳ, ଶ୍ରୀଲଙ୍କା ଓ ଥାଇଲ୍ୟାଣ୍ଡ୍‌ର ପ୍ରତିନିଧିମାନେ ଯୋଗ ଦେଇଛନ୍ତି ।

## ପିଏମ୍-ନାଇଜେରିଆନ୍ ପ୍ରେଜ୍

ନାଇଜେରିଆର ପୂର୍ବତନ ରାଷ୍ଟ୍ରପତି ଏମ୍.ବୁହାରୀଙ୍କର ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସେ କହିଛନ୍ତି, ସ୍ୱର୍ଗତ ବୁହାରୀଙ୍କର ବୁଦ୍ଧିମତ୍ତା ଏବଂ ଭାରତ-ନାଇଜେରିଆ ବନ୍ଧୁତ୍ୱ ଦିଗରେ ପ୍ରତିବଦ୍ଧତା ସର୍ବଦା ସ୍ମରଣୀୟ ହୋଇବ । ବିଭିନ୍ନ ସମୟରେ ବୁହାରିଙ୍କ ସହିତ ତାଙ୍କର ସାକ୍ଷାତ ଆଲୋଚନା ତଥା ବାର୍ତ୍ତାଳାପର ଶ୍ରୀ ମୋଦୀ ଏହି ଅବସରରେ ସ୍ମରଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନାଇଜେରିଆର ଏହି ପୂର୍ବତନ ରାଷ୍ଟ୍ରପତିଙ୍କ ପରିବାରବର୍ଗ, ନାଇଜେରିଆବାସୀ ଏବଂ ସେଠାକାର ସରକାରଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

## ଏକ୍ସିଓମ୍ ଫୋର୍

ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଅକ୍ସିଓମ୍ ଫୋର୍ ମିଶନ୍‌ର ଅନ୍ୟ ତିନି ଜଣ କ୍ରୁ ସଦସ୍ୟଙ୍କର ଆଜି ମହାକାଶରୁ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ । ସାମାଜିକ ଗଣମାଧମ ପୋଷ୍ଟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର

ସିଂହ କହିଛନ୍ତି, ଭାରତୀୟ ସମୟ ଅପରାହ୍ଣ ସାଢ଼େ ୪ଟାରେ ଆଜି ଅନ୍‌ଡକିଙ୍ଗ୍ କାର୍ଯ୍ୟ ଆରମ୍ଭ ହେବ । କ୍ରୁ ସଦସ୍ୟମାନେ ଆସନ୍ତାକାଲି ଭାରତୀୟ ସମୟ ପ୍ରାୟ ଅପରାହ୍ଣ ୩ଟାରେ ଭୂପୃଷ୍ଠରେ ପହଞ୍ଚିବେ । ଅବତରଣ ପରେ କ୍ରୁ ସଦସ୍ୟଙ୍କୁ ଫ୍ଲାଇଟ୍ ସର୍ଜନ୍‌କ ତତ୍ତ୍ୱାବଧାନରେ ୭ ଦିନ ପାଇଁ ପୁନର୍ବାସରେ ରଖାଯିବ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସହିତ ଖାପ ଖୁଆଇବା ଲକ୍ଷ୍ୟ ନେଇ ଏହି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ଗ୍ରୁପ୍ କ୍ୟାପ୍‌ଟେନ୍ ଶ୍ରୀ ଶୁକ୍ଲା ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ୧୪ ଦିନ ଧରି ରହିଛନ୍ତି । ମହାକାଶ କେନ୍ଦ୍ରକୁ ଯିବାରେ ସେ ପ୍ରଥମ ଭାରତୀୟ । ୧୯୮୪ ମସିହାରେ ମହାକାଶକୁ ଯାଇଥିବା ଭାରତର ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଶ୍ରୀ ଶୁକ୍ଲା ହେଉଛନ୍ତି ଦ୍ୱିତୀୟ ମହାକାଶଚାରୀ । ମହାକାଶ କେନ୍ଦ୍ରରେ ଅବସ୍ଥାନ ସମୟରେ ଭାରତ ଆଧାରିତ ୭ଟି ବିଶେଷ ପରୀକ୍ଷଣରେ ଶ୍ରୀ ଶୁକ୍ଲା ସାମିଲ ଥିଲେ ।

ଅନ୍ୟପକ୍ଷରେ ମହାକାଶ କ୍ଷେତ୍ରରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଐତିହାସିକ ସଫଳତା ହାସଲ କରିଥିବା ଭାରତର ଚନ୍ଦ୍ରଯାନ-୩ର ଆଜି ଦ୍ୱିତୀୟ ବର୍ଷ ପୂର୍ତ୍ତି ହୋଇଛି । ୨୦୨୩ ମସିହା ଆଜିର ଦିନରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ-ଇସ୍ରୋ ପକ୍ଷରୁ ବିକଶିତ କରାଯାଇଥିଲା LV-M-3 M-4 ରକେଟ୍' ସଫଳତାର ସହ ଚନ୍ଦ୍ରଯାନ-୩କୁ କକ୍ଷପଥକୁ ପ୍ରକ୍ଷେପଣ କରିଥିଲା । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଚନ୍ଦ୍ରଯାନ-୩ ୨୦୨୩ ଅଗଷ୍ଟ ୨୩ ତାରିଖ ଦିନ ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ ସଫଳତାର ସହ ଅବତରଣ କରିଥିଲା । ଏହାଦ୍ୱାରା ଭାରତ ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ ଅବତରଣ କରିବାରେ ବିଶ୍ୱର ପ୍ରଥମ ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଭାବେ ପରିଗଣିତ ହୋଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରଣ କରାଯିବ । ଆଜିର ବିଷୟବସ୍ତୁ ରହିଛି **ବର୍ଷା ଜଳ ସଞ୍ଚୟ ଏବଂ ଜଳ ସଂରକ୍ଷଣରେ ଏହାର ଭୂମିକା ।** ଜାତୀୟ ସ୍ୱଚ୍ଛ ଗଙ୍ଗା ମିଶନ୍‌ର ପୂର୍ବତନ ମହାନିର୍ଦ୍ଦେଶକ ଜି ଅଶୋକ କୁମାର ଏବଂ ପରିବେଶବିତ୍ ଡକ୍ଟର ଅରବିନ୍ଦ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

---

## ଏପି-ରୋଡ୍ ଆକ୍ସିଡେଣ୍ଟ

ଆନ୍ଧ୍ରପ୍ରଦେଶର ଆନ୍ନାମାୟା ଜିଲ୍ଲାର ପୁଲମପେଟାଠାରେ ଏକ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନେକଲୋକ ଆହତ ହୋଇଥିବା ଜଣାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରାଜମପେଟ୍ ରୁ ରେଲୱେକୋଦୁର ବଜାରକୁ ଆମ୍ବ ନେଇ ଯାଉଥିବା ଏକ ଟ୍ରକ୍ ପୁଲମପେଟା ମଣ୍ଡଳ ନିକଟ ଏକ ପୋଖରୀକୂଳରେ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ଆହତମାନଙ୍କୁ ସ୍ଥାନୀୟ ରାଜମପେଟ୍ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଏସ୍. ଅବଦୁଲ ନଜିର୍ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ।

---

# ଅମରନାଥ-ମାନସରୋବର

ଚଳିତ ମାସ ୩ ତାରିଖରୁ ଆରମ୍ଭ ହୋଇଥିବା ୩୮ ଦିନିଆ ବାର୍ଷିକ ଶ୍ରୀଅମରନାଥଜୀ ଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଜାରି ରହିଛି । ଏହି ଯାତ୍ରା ଉଭୟ ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ନୁନ୍‌ୱାନ୍ ପହଲଗାମ ମୂଳ ଶିବିର ଏବଂ କେନ୍ଦ୍ରୀୟ କାଶ୍ମୀରର ଗନ୍ଦେରବାଲ ଜିଲ୍ଲାର ବାଲ୍‌ତାଲ ମୂଳ ଶିବିରରୁ ଚାଲୁ ରହିଛି । ଆସନ୍ତାମାସ ୯ ତାରିଖ ରାକ୍ଷୀପୂର୍ଣ୍ଣିମା ଅବସରରେ ଏହି ୩୮ ଦିନିଆ ଯାତ୍ରା ସଂପନ୍ନ ହେବ । ଏହି ଯାତ୍ରାର ପ୍ରଥମ ୧୧ ଦିନରେ ପବିତ୍ର ଗୁମ୍ଫାରେ ପ୍ରାୟ ୨ ଲକ୍ଷ ଶ୍ରଦ୍ଧାଳୁ ଶିବଲିଙ୍ଗ ଦର୍ଶନ କରିସାରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ସେହିଭଳି ୨୦୨୫ କୈଳାସ ମାନସରୋବର ଯାତ୍ରା ଷଷ୍ଠ ପର୍ଯ୍ୟାୟ ଶ୍ରଦ୍ଧାଳୁ ଆଜି ସନ୍ଧ୍ୟାରେ ସିକିମ୍‌ର ନାଥୁଲା ଦେଇ ଅତିକ୍ରମ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଷଷ୍ଠ ପର୍ଯ୍ୟାୟ ଦଳରେ ୪୫ ଜଣ ଯାତ୍ରୀ ୨ ଜଣ ଲିଆସନ୍ ଅଧିକାରୀ, ଜଣେ ଆଇଟିବିପି ଡାକ୍ତର ଏବଂ ୪ ଜଣ ସହାୟକ କର୍ମଚାରୀ ରହିଛନ୍ତି। ଆଜି ରାତି ୧୨ଟା ୪୦ ମିନିଟ୍‌ରେ ଏହି ଦଳ ବାଗ୍‌ଦୋଗ୍ରାରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି ।

---

# କ୍ରିକେଟ୍

ଲଡସ୍ ଟେଷ୍ଟର ଅନ୍ତିମ ଦିବସରେ ଆଜି ଭାରତ ୧୯୩ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ଗତକାଲିର ଦ୍ୱିତୀୟ ଇନିଂସ ସ୍କୋର ୪ ୱିକେଟ୍‌ରେ ୫୮ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଏହି ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡର ଦ୍ୱିତୀୟ

ଇନିଂସ ୧୯୨ରନ୍‌ରେ ଶେଷ ହୋଇଥିଲା । ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୪ଟି ଓ୍ୱିକେଟ୍ ଅକ୍ତିଆର କରିଥିବା ବେଳେ ବୁମ୍‌ରା ଏବଂ ସିରାଜ ଦୁଇଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

ତେବେ ଦ୍ୱିତୀୟ ଇନିଂସରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଜୟସ୍ୱାଲ୍ କୌଣସି ରନ୍ ନ କରି ଆଉଟ୍ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କରୁଣ ନାୟର, ଶୁଭମନ ଗିଲ୍ ଏବଂ ଆକାଶଦୀପ ସିଂହ ଆଉଟ୍ ହୋଇଛନ୍ତି । ଆଜି ୯୦ ଓଭର ଏବଂ ୨ଟି ବଲ୍‌ରେ ଭାରତ ବିଜୟ ପାଇଁ ୧୩୫ରନ୍ ଆବଶ୍ୟକ କରୁଥିବା ବେଳେ ଇଂଲଣ୍ଡ ୬ଟି ଓ୍ୱିକେଟ୍ ଅକ୍ତିଆର କରିବାକୁ ଚେଷ୍ଟା କରିବ । ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଛନ୍ତି ।

---